# ମୋ ପରି ଏକ ଅନ୍ଧ ଆଖିରେ - ସଂସ୍କୃତି ବିହାର

• ସ୍ୱରୂପ ନାୟକ

ସଂସ୍କୃତି ବିହାର
କେତେଜଣ କିଶୋର ମାନଙ୍କର ଆକାଶକୁ ଛୁଇଁବାର
ସବୁଜ ସ୍ୱପ୍ନରୁ
ତୋର ଜନ୍ମ
ତୋର ତାରୁଣ୍ୟ
ଆଶ୍ଚର୍ଯ୍ୟ ଗୋଟେ ଇନ୍ଦ୍ରଧନୁ ଯୁଗର ଅଭିଭାଷଣ
ତୋର ଯୌବନ
ଏକ ଚମତ୍କାର ମନଲୋଭା ଆଗ୍ନେୟଗିରୀର
ଉଦ୍‌ଗିରଣ
ଆଉ ତୋର ଅକାଳ ବାର୍ଦ୍ଧକ୍ୟ
କେତେଗୁଡ଼ିଏ "ମୁଁ" "ମୁଁ" କୁ ସାଉଁଟିବାର
ଦୃଶ୍ୟ ବଡ଼ କରୁଣ କରୁଣ କରୁଣ....
କିନ୍ତୁ ତୁ ଏକ ନାଭିବ୍ରହ୍ମ
ତୋର ହବ ନାହିଁ ମରଣ ।

*କାଠଯୋଡ଼ି ଏନ୍‌କ୍ଲେଭ, ଏ-୧୧, ସେକ୍ଟର-୯ ସି.ଡ଼ି.ଏ., କଟକ*